ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର, ୦୨/୦୩/୨୦୨୦

ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ଉଭୟ ବିଭାଗର ସମୀକ୍ଷା ବୈଠକ ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି ।

କ୍ରୀଡ଼ା ଓ ଯୁବସେବା ବିଭାଗ ସମୀକ୍ଷା ବୈଠକରେ ୫'ଟି'ର ଅନୁପାଳନ ଏବଂ ନୂଆକରି ଅନ୍ତର୍ଭୁକ୍ତ ହୋଇଥିବା 'ମୋ ସରକାରରେ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ମନ୍ତ୍ରୀ ଆଲୋଚନା କରିଥିଲେ । ଏଥି ସହିତ ନୂଆ କ୍ରୀଡ଼ାନୀତି, ଖେଳାଳୀମାନଙ୍କ ପ୍ରୋଫାଇଲ୍, ଓ୍ୱେଟେଜ୍ ସାର୍ଟିଫିକେଟ୍, କ୍ରୀଡ଼ାବିତ୍‌ଙ୍କ ପରିଚୟ ପତ୍ର ଏବଂ କ୍ରୀଡ଼ାବିତ୍‌ଙ୍କୁ ପେନ୍‌ସନ୍ କାର୍ଯ୍ୟର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା ।

ଏଥି ସହିତ ପିଇଟିମାନଙ୍କ ତାଲିମ କାର୍ଯ୍ୟକ୍ରମ, କ୍ରୀଡ଼ାକୁ ସ୍କୁଲ ପାଠ୍ୟକ୍ରମରେ ସାମିଲ କରିବା, ଜିସିପିଇର କଲେଜର ନୂତନ କ୍ୟାମ୍ପସ୍ ନିର୍ମାଣ, ପ୍ରତିଷ୍ଠା ହୋଇଥିବା ହାଇପରଫର୍‌ମାନ୍ସ ସେଣ୍ଟର କାର୍ଯ୍ୟକାରିତା, ବିଭିନ୍ନ ଜିଲ୍ଲା ଏବଂ ପୌରପାଳିକାରେ ନିର୍ମାଣ ହୋଇଥିବା ମିନି ଷ୍ଟାଡିୟମ୍‌ର ପରିଚାଳନା, ଖେଳାଳୀମାନଙ୍କ ଉନ୍ନତ କୋଚିଂ ଉପରେ ଆଲୋଚନା ହୋଇଥିଲା । ସମ୍ବଲପୁର, ବ୍ରହ୍ମପୁର ଓ ଜୟପୁରରେ କ୍ରୀଡ଼ା ବିଦ୍ୟାଳୟ ନିର୍ମାଣ ଆରମ୍ଭ ହୋଇଥିବାବେଳେ ରାଉରକେଲାରେ କ୍ରୀଡ଼ା ବିଦ୍ୟାଳୟ ନିର୍ମାଣ ଲାଗି ଜାଗା ଚିହ୍ନଟ ହୋଇସାରିଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ଏଥି ସହିତ କଳିଙ୍ଗ ଇଣ୍ଟରନ୍ୟାସନାଲ୍ ସ୍ପୋର୍ଟସ ସିଟି, ଆଞ୍ଚଳିକ ଜିଲ୍ଲା ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ, ସୁନ୍ଦରଗଡ଼ ଜିଲ୍ଲାର ୧୭ଟି ସ୍ଥାନରେ ସିନ୍ଥେଟିକ୍ ଟ୍ରଫ୍ ବିଛାଇବା ଏବଂ ଜିଲ୍ଲା କ୍ରୀଡ଼ା ଛାତ୍ରାବାସର ଆଧୁନିକୀକରଣ କାର୍ଯ୍ୟ ଉପରେ ମନ୍ତ୍ରୀ ଶ୍ରୀ ବେହେରା ବିସ୍ତୃତ ଆଲୋଚାନ କରିବା ସହିତ ସରକାରଙ୍କ ଲକ୍ଷ୍ୟ ପୂରଣ ଦିଗରେ ଦାୟିତ୍ୱରେ ଥିବା ଅଧିକାରୀ ଓ କ୍ରୀଡ଼ା ବିଭାଗର କର୍ମଚାରୀଙ୍କ ନିଷ୍ଠାପର କାର୍ଯ୍ୟକୁ ପ୍ରଶଂସା କରିଥିଲେ ।

ସେହିପରି ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ବିଭାଗର ଏକ ସମୀକ୍ଷା ବୈଠକ ଏଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫'ଟି' ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ବିସ୍ତୃତ ଆଲୋଚନା ହୋଇଥିଲା । ଆଇଟି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ବିଭାଗ ପକ୍ଷରୁ ବହୁ କାର୍ଯ୍ୟକ୍ରମ ଚାଲୁ ରହିଛି । କ୍ଲାଉଡ୍ ପଲିସି ଏବଂ ଆଇସିଟି ଏବଂ ଇଏସ୍‌ଡିଏମ୍ ପଲିସି-୨୦୨୦ କାର୍ଯ୍ୟ ଚାଲୁ ରହିଥିବାବେଳେ ବିପିଓ ପଲିସି ଏବଂ ଓଡ଼ିଶା ରାଜ୍ୟ ଡାଟା ସେଣ୍ଟର ପଲିସିକୁ ସରକାରୀ ଅନୁମୋଦନ ଲାଭ ପଠାଇ ଦିଆଯାଇଥିବା ବିଭାଗ ପକ୍ଷରୁ ମନ୍ତ୍ରୀଙ୍କ ସୂଚନା ଦିଆଯାଇଥିଲା । ଏଥି ସହିତ 'ମୋ ସରକାର' ଯୋଗାଯୋଗ ସେଣ୍ଟର, ବିଭିନ୍ନ ଜନମଙ୍ଗଳ ଯୋଜନାର ଏକ ୟୁନିଫାଏଡ୍ ଡାଟାବେସ୍ ନିର୍ମାଣ, ଉନ୍ନତ ସରକାରୀ ଯୋଗାଯୋଗ ବ୍ୟବସ୍ଥା, ସରକାରୀ କାର୍ଯ୍ୟରେ ଆଇଟିର ସହଜ ଉପଯୋଗ ଆଦି ବିଭିନ୍ନ ବିଷୟରେ ମନ୍ତ୍ରୀ ଶ୍ରୀ ବେହେରା ସମୀକ୍ଷା କରିଥିଲେ । ଉଭୟ ସମୀକ୍ଷା ବୈଠକରେ ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ବିଭାଗର ସଚିବ ଶ୍ରୀ ମନୋଜ ମିଶ୍ର, ସିଇଓ(ଓକାକ୍) ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ମନୋଜ ପଟ୍ଟନାୟକ, ଓକାକ୍‌ର ଜେନେରାଲ୍ ମ୍ୟାନେଜର ମଧୁମିତା ରଥ ପ୍ରମୁଖ ଯୋଗଦେଇଥିଲେ ।

କ୍ରୀଡ଼ା ବିଭାଗ ପକ୍ଷରୁ ଯୁଗ୍ମ ଶାସନ ସଚିବ ଶ୍ରୀ ମନୋଜ ପାଢ଼ୀ, ଉପଶାସନ ସଚିବ ଶ୍ରୀ ରଞ୍ଜିତ ପରିଡ଼ା, ଶ୍ରୀ ଅଶ୍ୱିନୀ ମେହେର ଏବଂ ଶ୍ରୀ ଅଶୋକ କୁମାର ବେହୁରିଆ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

ସୁଜିତ୍ ରଞ୍ଜନ ସ୍ୱାଇଁ
ସୂଚନା ଅଧିକାରୀ